



# ୩୨

# ସଂଯୁକ୍ତ ରାଷ୍ଟ୍ରସଂଘ ଏବଂ ଅର୍ଥନୈତିକ ଓ ସାମାଜିକ ବିକାଶ

## (United Nations and Economic and Social Development)

ସଂଯୁକ୍ତ ରାଷ୍ଟ୍ରସଂଘ ଓ ଏହା ସହିତ ସଂଶ୍ଳିଷ୍ଟ ସହାୟକ ସଂସ୍ଥାମାନେ ଅର୍ଥନୈତିକ ଓ ସମାଜିକ ପ୍ରଗତି କ୍ଷେତ୍ରରେ ଆନ୍ତର୍ଜାତୀୟ ସହଯୋଗର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛନ୍ତି । ପ୍ରତ୍ୟେକ ରାଷ୍ଟ୍ରର ଅର୍ଥନୈତିକ ଓ ସାମାଜିକ ବିକାଶ ନ ଘଟିଲେ ବିଶ୍ୱଶାନ୍ତି ପ୍ରତିଷ୍ଠା ଅସମ୍ଭବ । ତେଣୁ ସଂଯୁକ୍ତ ରାଷ୍ଟ୍ରସଂଘର ସମ୍ବଳର ସିଂହଭାଗ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ବିନିଯୋଗ କରାଯାଉଛି । ୧୯୬୦ ମସିହାପର ଠାରୁ ନୂତନ ଭାବେ ସ୍ୱାଧୀନତା ପାଇଥିବା ଦରିଦ୍ର ରାଷ୍ଟ୍ର ମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ଦିଗରେ ସଂଯୁକ୍ତ ରାଷ୍ଟ୍ରସଂଘ ପ୍ରାଧାନ୍ୟ ଦେଉଅଛି । ଏହି କାର୍ଯ୍ୟକ୍ରମଗୁଡିକରେ ଦାରିଦ୍ର୍ୟ ନିରାକରଣ, ବାସଗୃହ ଓ ଖାଦ୍ୟ ଯୋଗାଣ, ବ୍ୟାଧି ନିରାକରଣ ଇତ୍ୟାଦି ସମସ୍ୟାର ସାମାଧାନ ଅନ୍ତର୍ଭୁକ୍ତ ।

### ଉଦ୍ଦେଶ୍ୟ :

ଏହି ଅଧ୍ୟାୟଟି ପାଠକଲା ପରେ ଆମେ ଜାଣିପାରିବା :-

- ସଂଯୁକ୍ତ ରାଷ୍ଟ୍ରସଂଘ ଉଦ୍ୟମରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ;
- ଏହି ବିକାଶ ପ୍ରକ୍ରିୟାରେ ସଂଯୁକ୍ତ ରାଷ୍ଟ୍ରସଂଘ ସହଯୋଗୀ ଥିବା ବିଭିନ୍ନ ସଂସ୍ଥା ସଂପର୍କରେ ଜ୍ଞାନ ଆହରଣ ;
- ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ବିକାଶ ସଂସ୍ଥାର କାର୍ଯ୍ୟକ୍ରମ;
- ପ୍ରତିବନ୍ଧକ ସତ୍ତ୍ୱେ ଅନୁନ୍ନତ ଓ ପଛୁଆ ରାଷ୍ଟ୍ରମାନଙ୍କର ବିକାଶଧାରାରେ ସଂଯୁକ୍ତ ରାଷ୍ଟ୍ରସଂଘର ଭୂମିକା ।

## ୩୨.୧. ସାମାଜିକ ଓ ଅର୍ଥନୈତିକ ବିକାଶରେ ସଂଯୁକ୍ତ ରାଷ୍ଟ୍ରସଂଘର ବିଶେଷ ପଦକ୍ଷେପ (Major U.N Initiatives for Socio- Economic Development)

ଅର୍ଥନୈତିକ ସ୍ଥିତିକୁ ନେଇ ରାଷ୍ଟ୍ରଗୁଡିକ ବିକାଶଶୀଳ ଓ ବିକଶିତ ରାଷ୍ଟ୍ର ଭାବରେ ପରିଗଣିତ ହୁଅନ୍ତି । ବିକଶିତ ରାଷ୍ଟ୍ର କହିଲେ ବିଷୁବ ରେଖାର ଉତ୍ତରରେ ଅବସ୍ଥିତ ସମଗ୍ର ୟୁରୋପ ଓ ଉତ୍ତର ଆମେରିକାକୁ ବୁଝାଏ । ସେହି ରାଷ୍ଟ୍ରଗୁଡିକ ହେଲା-ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ଗ୍ରେଟ୍ ବ୍ରିଟେନ୍, ଫ୍ରାଂନ୍ସ, ଜର୍ମାନୀ ଇତ୍ୟାଦି । ଏହି ରାଷ୍ଟ୍ରମାନଙ୍କରେ ମୁଣ୍ଡପିଛା ଆୟ ଅଧିକ ଓ ଶିଳ୍ପ ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ଏମାନେ ଅନ୍ୟ ରାଷ୍ଟ୍ରମାନଙ୍କଠାରୁ ବହୁତ ଆଗରେ । ସେମାନେ ବିଶ୍ୱର ଅର୍ଥନୀତି ଉପରେ ଆଧିପତ୍ୟ ବିସ୍ତାର କରିଅଛନ୍ତି । ଏହି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଆଫ୍ରିକା, ଏସିଆ ଓ ଦକ୍ଷିଣ ଆମେରିକା ପରି ଅଂଚଳରେ ଅବସ୍ଥିତ, ଯେଉଁ ରାଷ୍ଟ୍ରର ଜନସାଧାରଣ ଦାରିଦ୍ର୍ୟ, ନିରକ୍ଷରତା, କ୍ଷୁଧା ଓ ବ୍ୟାଧିରେ ପ୍ରପୀଡିତ । ବିଶ୍ୱଜନସଂଖ୍ୟାର ତିନି -ଚତୁର୍ଥାଂଶ ଜନସାଧାରଣ ୧୩୦ଗୋଟି ବିକାଶଶୀଳ ରାଷ୍ଟ୍ରରେ ବାସକରନ୍ତି ଓ ସେମାନଙ୍କର ମୁଣ୍ଡପିଛା ଆୟ ନଗନ୍ୟ । ଶହଶହ ବର୍ଷଧରି ଏହି ଲୋକମାନେ ଉପନିବେଶବାସୀ ଥିଲେ । ଉପନିବେଶବାଦୀ ଶାସକଗଣ

ଏହି ଅଂଚଳରେ ବାସ କରୁଥିବା ଅଧିବାସୀମାନଙ୍କର ଅର୍ଥନୈତିକ ଓ ଶିଳ୍ପ ବିକାଶ ପାଇଁ ଇଚ୍ଛା ପ୍ରକାଶ କରୁନଥିଲେ । ସେମାନଙ୍କର ନିଜର ଆର୍ଥିକ ସୁବିଧା ପାଇଁ ସେମାନେ ବିକାଶ ଶୀଳ ରାଷ୍ଟ୍ରମାନଙ୍କର ପ୍ରାକୃତିକ ସଂପଦକୁ ଲୁଟ୍ କରିଚାଲିଥିଲେ ।

୧୯୬୦ମସିହା ବେଳକୁ ଅଧିକାଂଶ ଉପନିବେଶ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲେ ଓ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ମଧ ହେଲେ । ସଂଯୁକ୍ତ ରାଷ୍ଟ୍ରସଂଘରେ ଏହି ରାଷ୍ଟ୍ରମାନେ ସଂଖ୍ୟାଧିକ ସଦସ୍ୟ ହୋଇଥିବାରୁ ସେମାନେ ନୂଆ ସଂସ୍ଥାମାନ ଗଠନ କଲେ । ତେଣୁ ୧୯୬୦ ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘ ବିକାଶ ଯୋଜନା (UNDP), ସଂଯୁକ୍ତ ରାଷ୍ଟ୍ରସଂଘ ଶିଳ୍ପ ବିକାଶ ପରିଷଦ (UNIDO), ଆନ୍ତର୍ଜାତୀୟ ବିକାଶ ସଂଘ (IDA) ପରି ଅନେକ ଆନ୍ତର୍ଜାତୀୟ ସଂଗଠନ ସୃଷ୍ଟି ହେଲା । ବିକାଶଶୀଳ ରାଷ୍ଟ୍ରମାନଙ୍କର ଉଦ୍ୟମ ଫଳରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଆନ୍ତର୍ଜାତୀୟ ବାଣିଜ୍ୟରୁ ସୁବିଧା ହାସଲ ପାଇଁ ୧୯୬୪ ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘ ବାଣିଜ୍ୟ ଓ ବିକାଶ ସମ୍ମିଳନୀ (UNCTAD) ଗଠନ କରାଯାଇଥିଲା । ଏହି ସଂସ୍ଥା ବିକାଶଶୀଳ ରାଷ୍ଟ୍ରମାନଙ୍କୁ ବହୁ ଦିଗରେ ସାହାଯ୍ୟ କରିଅଛି ।


୧୩୨ ଗୋଟି ରାଷ୍ଟ୍ରକୁ ନେଇ ଏକ ବାଣିଜ୍ୟ ବିକାଶ ପରିଷଦ ଗଠନ କରାଗଲା । ଏମାନେ ବିକଶିତ ରାଷ୍ଟ୍ରମାନଙ୍କ ସହିତ ଅର୍ଥନୈତିକ ଓ ବାଣିଜ୍ୟ ସମ୍ପର୍କିତ ବିଷୟରେ ଆଲୋଚନା କରିଥିଲେ । ଉଦାହରଣ ସ୍ୱରୂପ ଏହି ରାଷ୍ଟ୍ରମାନେ କେତେକ ପ୍ରାଥମିକ ଦ୍ରବ୍ୟ, ଯଥା – ତୁଳା ଓ କଫି ପ୍ରଭୃତି ଯାହାକି ବିକଶିତ ରାଷ୍ଟ୍ରକୁ ରପ୍ତାନୀ ହେଉଅଛି, ତା'ର ମୂଲ୍ୟରେ ସ୍ଥିରତା ରକ୍ଷା କରିବା ପାଇଁ ଦାବୀ କରିଥିଲେ ।

ସଂଯୁକ୍ତ ରାଷ୍ଟ୍ରସଂଘ ବାଣିଜ୍ୟ ଓ ବିକାଶ ସମ୍ମିଳନୀ (UNCTAD) ଓ ସାଧାରଣ ପରିଷଦ ଆନ୍ତର୍ଜାତୀୟ ଅର୍ଥନୈତିକ ଅବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଥିଲେ । ୧୯୭୪ ମସିହାରେ ମିଳିତ ସଂଯୁକ୍ତ ରାଷ୍ଟ୍ରସଂଘର ଆହ୍ୱାନ କ୍ରମେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ସ୍ୱାର୍ଥରକ୍ଷା ପାଇଁ, ଧନୀ ଓ ନିର୍ଦ୍ଧନ ରାଷ୍ଟ୍ର ନିର୍ବିଶେଷରେ ସବୁ ରାଷ୍ଟ୍ର ପାଇଁ ସାମତା ଓ ନ୍ୟାୟ ବ୍ୟବସ୍ଥା ପ୍ରଦାନ କରିବା ପାଇଁ ନୂତନ ଆନ୍ତର୍ଜାତୀୟ ଅର୍ଥନୈତିକ ସଂଗଠନ (NIEO) ଗଠନ କରାଗଲା ।

ଏହି ନୂତନ ଆନ୍ତର୍ଜାତୀୟ ଅର୍ଥନୈତିକ ସଂଗଠନ ନିମ୍ନଲିଖିତ ନୀତି ଉପରେ ପର୍ଯ୍ୟବେଶିତ : ଯଥା –

- ବିଶ୍ୱ ଅର୍ଥନୈତିକ ସମସ୍ୟାର ସମାଧାନ ପାଇଁ ସମାନତା ଭିତ୍ତିରେ ସବୁ ରାଷ୍ଟ୍ରର ଅଂଶଗ୍ରହଣ;
- ପ୍ରତ୍ୟେକ ରାଷ୍ଟ୍ର ନିଜର ବିକାଶ ପାଇଁ ଉପଯୁକ୍ତ ଅର୍ଥନୈତିକ ଓ ସମାଜିକ ବ୍ୟବସ୍ଥା ଗ୍ରହଣ କରିବାର ଅଧିକାର;
- ନିଜର ପ୍ରାକୃତିକ ସଂପଦ ଉପରେ ପ୍ରତ୍ୟେକ ରାଷ୍ଟ୍ରର ସଂପୂର୍ଣ୍ଣ ସ୍ଥାୟୀ ସାର୍ବଭୌମତ୍ୱ;
- ବିକାଶଶୀଳ ରାଷ୍ଟ୍ରମାନଙ୍କରେ ବହୁରାଷ୍ଟ୍ରୀୟ କମ୍ପାନୀ (MNC) ମାନଙ୍କର କାର୍ଯ୍ୟର ନିୟନ୍ତ୍ରଣ ଓ ତଦାରଖ କାର୍ଯ୍ୟ
- ବିକାଶଶୀଳ ରାଷ୍ଟ୍ର ଦ୍ୱାରା କଂଚାମାଲ୍ ଓ ମୌଳିକ ବସ୍ତୁ ଓ ପଦାର୍ଥର ରପ୍ତାନୀ ସମୟରେ ଉଚିତ ମୂଲ୍ୟ ନିର୍ଦ୍ଧାରଣ
- ବିକାଶଶୀଳ ରାଷ୍ଟ୍ରମାନଙ୍କୁ ବୈଷୟିକ ଓ ଅର୍ଥନୈତିକ ସାହାଯ୍ୟ ପ୍ରଦାନ ଇତ୍ୟାଦି ।

**ଗ୍ରୁପ୍ ଅଫ୍ ୭୭** (Group of 77) ମଧ୍ୟରେ ଅର୍ଥନୈତିକ ବିବିଧତାର ସୁଯୋଗ ନେଇ ଧନଶାଳୀ ରାଷ୍ଟ୍ରମାନେ, ତୈଳ ସଂପଦ ରାଷ୍ଟ୍ର ଗୁଡିକୁ- ତୈଳ ଆମଦାନୀ କରୁଥିବା ରାଷ୍ଟ୍ର ବିରୁଦ୍ଧରେ, ସ୍ୱଳ୍ପ ବିକଶିତ ରାଷ୍ଟ୍ରକୁ ମଧ୍ୟମ ଆୟକରୁଥିବା ରାଷ୍ଟ୍ରମାନଙ୍କ ବିରୁଦ୍ଧରେ (ଯଥା, ଭାରତ ଓ ବ୍ରାଜିଲ) ମତାଉଥିଲେ । ୧୯୭୦ ମସିହାର ଶେଷ ଭାଗରେ ଅନେକ ବିକାଶଶୀଳ ରାଷ୍ଟ୍ର ଅତ୍ୟନ୍ତ ଆର୍ଥିକ ସମସ୍ୟାର ସମ୍ମୁଖୀନ



Notes

ହେବାରୁ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF) ଓ ବିଶ୍ୱବ୍ୟାଙ୍କ (World Bank)ରୁ ଋଣ ପାଇଁ ଦ୍ୱାରସ୍ଥ ହୋଇଥିଲେ । ଏହି ବିଶ୍ୱ ଅର୍ଥ ସଂସ୍ଥାଦ୍ୱୟ ପୁଞ୍ଜି ରାଷ୍ଟ୍ରମାନଙ୍କ ଦ୍ୱାରା ପରିଚାଳିତ । ଏହି ଉପାୟରେ ଧନୀ ରାଷ୍ଟ୍ରମାନେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଅର୍ଥନୈତିକ ଓ ବାଣିଜ୍ୟିକ ନୀତିକୁ ପ୍ରଭାବିତ କରିବା ପାଇଁ ସୁଯୋଗ ପାଇଲେ ।

ସଂଯୁକ୍ତ ରାଷ୍ଟ୍ରସଂଘ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଅନେକ ଆନ୍ତର୍ଜାତୀୟ ସମ୍ମିଳନୀ ଆହୁତ କରି, ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନୀତି ନିର୍ଦ୍ଧାରଣ କଲେ, ଯଥା:- ପରିବେଶ ଓ ବିକାଶ ସମ୍ମିଳନୀ (୧୯୯୨), ମାନବିକ ଅଧିକାର ବା ମାନବାଧିକାର ସମ୍ମିଳନୀ (୧୯୯୩), ଜନସଂଖ୍ୟା ଓ ବିକାଶ ସମ୍ପର୍କିତ ଆନ୍ତର୍ଜାତୀୟ ସମ୍ମିଳନୀ (୧୯୯୪), ବିଶ୍ୱ ମହିଳା ସମ୍ମିଳନୀ (୧୯୯୫), ସାମାଜିକ ବିକାଶପାଇଁ ବିଶ୍ୱ ଶିଖର ସମ୍ମିଳନୀ (୧୯୯୫), ମାନବିକ ବସତି ସ୍ଥାପନ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ସହରାଞ୍ଚଳ ଶିଖର ସମ୍ମିଳନୀ (୧୯୯୭) ।

ଏତଦ୍ ବ୍ୟତୀତ ସଂଯୁକ୍ତ ରାଷ୍ଟ୍ରସଂଘର ମହାସଚିବ ତୃତୀୟ ବିଶ୍ୱର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ୧୯୯୪ ମସିହାରେ ତତ୍କାଳୀନ ମହାସଚିବ ବୁଟ୍ରସ୍ ବୁଟ୍ରସ୍ ଘାଲି ଏହି ବିକାଶ ପାଇଁ ଏକ ଯୋଜନା ଯଥା, 'ଆନ୍ଏଜେଣ୍ଡା ଫର୍ ଡେଭଲପ୍‌ମେଣ୍ଟ (An agenda for development) ପ୍ରସ୍ତୁତ କରିଥିଲେ ।

୨୦୦୦ମସିହାରେ ସଂଯୁକ୍ତ ରାଷ୍ଟ୍ରସଂଘର ଏକ ଶିଖର ସମ୍ମିଳନୀରେ ଏକ ହଜାର ବର୍ଷ ପାଇଁ ବିକାଶର ଲକ୍ଷ୍ୟ (Millennium Development Goal-MDG) ଗ୍ରହଣ କରାଯାଇଥିଲା । ଏହି ଲକ୍ଷ୍ୟ ଗୁଡିକ ହେଲା: ଦାରିଦ୍ର୍ୟ ଦୂରୀକରଣ; ସାର୍ବଜନୀନ ପ୍ରାଥମିକ ଶିକ୍ଷା ପ୍ରଦାନ, ମାତୃ-ସ୍ୱାସ୍ଥ୍ୟରେ ଉନ୍ନତି ଓ ଶିଶୁ ମୃତ୍ୟୁ ହାର ହ୍ରାସ ଇତ୍ୟାଦି । ଏହି ବିକାଶର ଲକ୍ଷ୍ୟ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ୨୦୧୫ ମସିହା ସୁଦ୍ଧା ଦାରିଦ୍ର୍ୟ ମୁକ୍ତ ବିଶ୍ୱ ଗଠନ, ଶିକ୍ଷା ପାଇଁ ସୁଯୋଗ ପ୍ରଦାନ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ସମସ୍ତଙ୍କୁ ଯୋଗାଇ ଦେବାର ଲକ୍ଷ୍ୟ ରଖା ଯାଇଅଛି ।

### ପ୍ରଶ୍ନାବଳୀ ୩୨.୧

ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ ।

୧। ସଂଯୁକ୍ତ ରାଷ୍ଟ୍ରସଂଘ ଦ୍ୱାରା__________ ମସିହାରେ ପ୍ରଥମ ବିକାଶ ଦଶନ୍ଧି ଆରମ୍ଭ ହୋଇଥିଲା ।

୨। ସଂଯୁକ୍ତ ରାଷ୍ଟ୍ରସଂଘ ବାଣିଜ୍ୟ ଓ ବିକାଶ ସମ୍ମିଳନୀ (UNCTAD) ର ପ୍ରଥମ ବୈଠକ __________ ମସିହାରେ ଅନୁଷ୍ଠିତ ହୋଇଥିଲା ।

୩। ସଂଯୁକ୍ତ ରାଷ୍ଟ୍ରସଂଘର ସମ୍ବଳର ସିଂହଭାଗ ଅର୍ଥନୈତିକ ଓ ସମାଜିକ ବିକାଶ ପ୍ରକ୍ରିୟାରେ ବିନିଯୋଗ କରାଯାଇଛି । (ଠିକ୍ /ଭୁଲ୍)

୪। ଗ୍ରୁପ ୭୭- ହେଉଛି ତଥା ଧନୀ ବିକଶିତ ରାଷ୍ଟ୍ରମାନଙ୍କର ଏକ ଗୋଷ୍ଠୀ । (ଠିକ୍/ଭୁଲ୍)

## ୩୨.୨. ସଂଯୁକ୍ତ ରାଷ୍ଟ୍ରସଂଘସଂଘ ବିକାଶ ପ୍ରକ୍ରିୟାର ସଂଯୋଗ (Network of UN Developmental Agencies)

ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକ୍ରମ ଗୁଡିକୁ ଯୋଜନା ମାଧ୍ୟମରେ, ସମନ୍ୱୟ ରକ୍ଷାକରି, ପରିଚାଳିତ ଓ କାର୍ଯ୍ୟକାରୀ କରିବା ସଂଯୁକ୍ତ ରାଷ୍ଟ୍ରସଂଘର ଏକ ବିଶାଳ ଓ ବିକେନ୍ଦ୍ରୀକରଣ ପ୍ରକ୍ରିୟା ।

ସଂଯୁକ୍ତ ରାଷ୍ଟ୍ରସଂଘର ଶୀର୍ଷରେ ରହିଅଛି ସାଧାରଣ ପରିଷଦ (General Assembly) ଓ ଅର୍ଥନୈତିକ ସାମାଜିକ ପରିଷଦ (ECOSOC) । ସାଧାରଣ ପରିଷଦ ମୁଖ୍ୟତଃ ଆର୍ଥିକ ଓ ସାମାଜିକ କାର୍ଯ୍ୟଗୁଡ଼ିକ ସଂପର୍କରେ ନିର୍ଦ୍ଦେଶ ଦେଇଥାଏ ଓ ପର୍ଯ୍ୟବେକ୍ଷଣ କରିଥାଏ । ଅର୍ଥନୈତିକ ଓ ସାମାଜିକ ପରିଷଦ କେବଳ ଏହି କାର୍ଯ୍ୟ ବୁଝାସୁଝା କରେ ଓ ଆନୁଷ୍ଠାନିକ ଆୟୋଗମାନଙ୍କର ସହାୟତାରେ କାର୍ଯ୍ୟ କରିଥାଏ । ସେହି ଆୟୋଗ ଗୁଡ଼ିକ ହେଲା ପରିସଂଖ୍ୟାନ ଆୟୋଗ, ମାନବିକ ଅଧିକାର ବା ମାନବାଅଧିକାର ଆୟୋଗ, ନାରୀମାନଙ୍କର ମର୍ଯ୍ୟାଦା ସୁରକ୍ଷା ଆୟୋଗ, ସାମାଜିକ ବିକାଶ ପାଇଁ ଆୟୋଗ, ନିଶାଦ୍ରବ୍ୟ ସଂପର୍କିତ ଆୟୋଗ ।

ଆ*ଳିକ ଅର୍ଥନୈତିକ ଆୟୋଗ ଗୁଡ଼ିକ ଭୌଗୋଳିକ ଅ*ଳ ଗୁଡ଼ିକର ସମସ୍ୟାକୁ ପ୍ରାଧାନ୍ୟ ଦିଏ । ଏହିଭଳି ପା*ଗୋଟି ଆୟୋଗ ପ୍ରତିଷ୍ଠିତ ହୋଇଛି, ଯଥା:- ୟୁରୋପ ପାଇଁ ଅର୍ଥନୈତିକ ଆୟୋଗ (ECE), ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଆୟୋଗ (ESCAP), ଲାଟିନ୍ ଆମେରିକା ପାଇଁ ଅର୍ଥନୈତିକ ଆୟୋଗ, ଆଫ୍ରିକା ପାଇଁ ଅର୍ଥନୈତିକ ଆୟୋଗ (ECA) ଓ ପଶ୍ଚିମ ଏସିଆ ପାଇଁ ଅର୍ଥନୈତିକ ଆୟୋଗ ।

ଆର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଅନେକ ଗୁଡିଏ ସଂସ୍ଥା ଅଛି ଯାହାକି ଅର୍ଥନୈତିକ ଓ ସାମାଜିକ ପରିଷଦ ଦ୍ୱାରା ପ୍ରତ୍ୟକ୍ଷଭାବରେ ନିୟନ୍ତ୍ରିତ ନୁହେଁ ମାତ୍ର ଏହାର କାର୍ଯ୍ୟକ୍ରମ ସହିତ ନିବିଡ ଭାବରେ ସଂପୃକ୍ତ । ଏହି ସଂସ୍ଥାଗୁଡିକ ହେଲା : (୧) ସଂଯୁକ୍ତ ରାଷ୍ଟ୍ରସଂଘ ବିକାଶ ଯୋଜନା, (୨) ସଂଯୁକ୍ତ ରାଷ୍ଟ୍ରସଂଘର ଆନ୍ତର୍ଜାତୀୟ ଶିଶୁକଲ୍ୟାଣ ଜରୁରୀକାଳୀନ ପାଣ୍ଠି (UNICEF) (୩) ଶରଣାର୍ଥୀ (ରିଫ୍ୟୁଜି)ମାନଙ୍କ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ଉଚ୍ଚ ଆୟୁକ୍ତ, (UNCR), ୪- ସଂଯୁକ୍ତ ରାଷ୍ଟ୍ରସଂଘର ବାଣିଜ୍ୟ ଓ ବିକାଶ ସମ୍ମିଳନୀ (UNCTAD), (୫) ସଂଯୁକ୍ତ ରାଷ୍ଟ୍ରସଂଘର ଶିଳ୍ପ ବିକାଶ ସଂଗଠନ (UNIDO), (୬) ବିଶ୍ୱ ଖାଦ୍ୟ କାର୍ଯ୍ୟକାରୀ ସଂଗଠନ, (୭) ସଂଯୁକ୍ତ ରାଷ୍ଟ୍ରସଂଘର ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ (UNEP) ।


ସଂଯୁକ୍ତ ରାଷ୍ଟ୍ରସଂଘର କେତେଗୁଡ଼ିଏ ସ୍ୱତନ୍ତ୍ର ସଂସ୍ଥା ରହିଅଛି । ଯଦିଓ ଏହି ସଂସ୍ଥାଗୁଡ଼ିକ ସଂଯୁକ୍ତ ରାଷ୍ଟ୍ରସଂଘ ବ୍ୟବସ୍ଥାର ଏକ ଅଂଶ, ତଥାପି ସେମାନେ ସ୍ୱାଧୀନ ଭାବେ କାର୍ଯ୍ୟକରିଥାନ୍ତି । ଏମାନଙ୍କୁ ସ୍ୱୟଂ ଶାସିତ ସଂଗଠନ କୁହାଯାଏ । ପ୍ରତ୍ୟେକର ନିଜର ମୁଖ୍ୟ କାର୍ଯ୍ୟାଳୟ, ସଂବିଧାନ, କର୍ମଚାରୀ ଓ ସ୍ୱତନ୍ତ୍ର ପାଣ୍ଠିଅଛି । ସଂଯୁକ୍ତ ରାଷ୍ଟ୍ରସଂଘ ପରି ଏହି ସଂଗଠନ ଗୁଡିକ ଆନ୍ତର୍ଜାତୀୟ ସମ୍ମିଳନୀ ଦ୍ୱାରା ଗଠନ କରାଯାଇଅଛି । ଏହି ସ୍ୱତନ୍ତ୍ର ସଂସ୍ଥାଗୁଡିକର ସଦସ୍ୟ ପଦ ଓ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ପଦ ସମାନ ନୁହେଁ । ଏହି ସଂସ୍ଥାମାନଙ୍କର ସଦସ୍ୟ ପଦ ସାର୍ବଜନୀନ । ଯେଉଁରାଷ୍ଟ୍ରମାନେ ସଂଯୁକ୍ତ ରାଷ୍ଟ୍ରସଂଘର ସଦସ୍ୟ ନୁହନ୍ତି ସେମାନେ ଚାହିଁଲେ ଏହି ସ୍ୱତନ୍ତ୍ର ସଂସ୍ଥାମାନଙ୍କର ସଦସ୍ୟ ହୋଇପାରିବେ ।

ପ୍ରତ୍ୟେକ ସ୍ୱତନ୍ତ୍ର ସଂସ୍ଥା ହେଉଛି ଆନ୍ତଃ-ସରକାର ସ୍ତରୀୟ ଏବଂ ସଂଯୁକ୍ତ ରାଷ୍ଟ୍ରସଂଘ ଓ ଉକ୍ତ ସ୍ୱତନ୍ତ୍ର ସଂସ୍ଥା ମଧ୍ୟରେ ଚୁକ୍ତି ବା ରାଜିନାମା ମାଧ୍ୟମରେ ଏହା ଗଠନ କରାଯାଇଛି । ଅର୍ଥନୈତିକ ଓ ସାମାଜିକ ପରିଷଦ ଏବଂ ଏହି ସ୍ୱତନ୍ତ୍ର ସଂସ୍ଥା ମଧ୍ୟରେ ରାଜିନାମା ହୋଇଥାଏ; ମାତ୍ର ଏଥିପାଇଁ ସାଧାରଣ ପରିଷଦର ସ୍ୱୀକୃତି ଆବଶ୍ୟକ ।

ଏହିପରି ପ୍ରାୟ ୧୫ଗୋଟି ସ୍ୱତନ୍ତ୍ର ସଂସ୍ଥା ସଂଯୁକ୍ତ ରାଷ୍ଟ୍ରସଂଘର ସହ ସାମିଲ ହୋଇ କାର୍ଯ୍ୟକରୁଛନ୍ତି । ସେଗୁଡିକ ହେଲା ସଂଯୁକ୍ତ ରାଷ୍ଟ୍ରସଂଘ ବିକାଶ ଯୋଜନା (UNDP), ସଂଯୁକ୍ତ ରାଷ୍ଟ୍ରସଂଘର ଆନ୍ତର୍ଜାତୀୟ ଶିଶୁକଲ୍ୟାଣ ଜରୁରୀକାଳୀନ ପାଣ୍ଠି (UNICEF), ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO), ସଂଯୁକ୍ତ ରାଷ୍ଟ୍ରସଂଘର ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂଗଠନ (UNESCO) ଓ ବିଶ୍ୱବ୍ୟାଙ୍କ (World Bank) ।

## ୩୨ . ୩. ବିକାଶ ସହାୟକ କାର୍ଯ୍ୟକ୍ରମ (Development Assistance Activities)

୧୯୬୫ ମସିହାରେ ଗଠିତ ହୋଇଥିବା ସଂଯୁକ୍ତ ରାଷ୍ଟ୍ରସଂଘ ବିକାଶ ଯୋଜନା କାର୍ଯ୍ୟକ୍ରମ ସଂଯୁକ୍ତ ରାଷ୍ଟ୍ରସଂଘର ଏକ ଅଗ୍ରଣୀ ବିକାଶ ସଂସ୍ଥା । ବିକାଶଶୀଳ ରାଷ୍ଟ୍ରମାନେ ଏହି ସଂସ୍ଥାରେ କାର୍ଯ୍ୟକରିବାକୁ ଆଶ୍ୱସ୍ତ



Notes

ମନେକରୁଅଛନ୍ତି ।ଏହି ସଂସ୍ଥା ଆର୍ଥିକ ସାହାଯ୍ୟ ଦିଏ ନାହିଁ । ବିକାଶଶୀଳ ଦେଶମାନଙ୍କୁ ତାଲିମ କାର୍ଯ୍ୟକ୍ରମ ଜରିଆରେ ଓ ବିକାଶଶୀଳ ଦେଶମାନଙ୍କୁ ବୈଷୟିକ ଜ୍ଞାନ କୁଶଳୀ ବିଶାରଦମାନଙ୍କୁ ପଠାଯାଇ ଆବଶ୍ୟକୀୟ ସାହାଯ୍ୟ କରିଥାଏ । ଏହି ପ୍ରକଳ୍ପ ପାଇଁ ଏହି ସଂସ୍ଥା ୪୦ଲକ୍ଷ କୋଟି ଡଲାର ଖର୍ଚ୍ଚକରେ ।

ବର୍ତ୍ତମାନ କାର୍ଯ୍ୟରତ କେତେଗୋଟି ପ୍ରକଳ୍ପ ହେଲା :

- ବିକାଶ କାର୍ଯ୍ୟକ୍ରମରେ ଲିଙ୍ଗଗତ ସମାନତା ନୀତିକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଅଛି । ଦୁର୍ଭିକ୍ଷ ଦାଉରୁ କୃଷିକୁ ରକ୍ଷାକରିବା ପାଇଁ ଏହି ସଂସ୍ଥା ଭାରତରେ ଖାଦ୍ୟନିରାପତ୍ତା ଯୋଜନା ଓ ମାନବିକ ବିକାଶ ନିମିତ୍ତ ନାରୀ ସଶକ୍ତି କରଣ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିଅଛି ।
- ଏହି ସଂସ୍ଥା ପାଲେଷ୍ଟାଇନ୍ ଅଂଚଳକୁ ୧.୫ ନିୟୁତ ଡଲାର ଜରୁରୀକାଳୀନ ସହାୟତା ପ୍ରଦାନ କରିଅଛି ।
- ୨୦୦୧ ମସିହାରେ ଏହା ଏକ ନୂଆ ଗଣତାନ୍ତ୍ରିକ ପ୍ରଶାସନ ନ୍ୟାସ ପାଣ୍ଠି (Democratic Governance Trust Fund) ଗଠନ କରିଅଛି । ଏହାର ଉଦ୍ଦେଶ୍ୟ ହେଲା ସ୍ୱଳ୍ପ ବିକଶିତ ରାଷ୍ଟ୍ରରେ ସରକାରୀ ଉଦ୍ୟୋଗର ସଂସ୍କାର, ସଂସଦୀୟ ବ୍ୟବସ୍ଥାରେ ଉନ୍ନତି, ସଂଘର୍ଷ ନିରାକରଣ ଓ ଶାନ୍ତି ରକ୍ଷା ।
- ଭାରତରୁ ସରକାରଙ୍କର ସହଯୋଗୀ ହୋଇ ଏହି ସଂସ୍ଥା ୨୦୦୪ ମସିହାରେ ଗୁଜରାଟ୍‌ର କଚ୍ଛ ଜିଲ୍ଲା (ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ)ରେ ଏକ ଚାରିବର୍ଷିଆ ପ୍ରକଳ୍ପ ହାତକୁ ନେଇ ଶକ୍ତି ନବୀକରଣ କାର୍ଯ୍ୟକ୍ରମକୁ ଉତ୍ପାଦନ କାର୍ଯ୍ୟରେ ନିୟୋଜିତ କରିବାପାଇଁ ପ୍ରୋତ୍ସାହିତ କରିଅଛି ।
- ସ୍ୱାଧୀନତାର ୫୦ ବର୍ଷ ପରେ ମଧ୍ୟ ଭାରତର ସହରତଳି ଅଞ୍ଚଳର ବସ୍ତିବାସିନ୍ଦାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଅଧିକ ଯତ୍ନଶୀଳ ହେବାପାଇଁ ଏହି ସଂସ୍ଥା "ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପଦ ପ୍ରୋତ୍ସାହନ ପଦକ୍ଷେପ" (Community Health Financing Initiative) କୁ ସହାୟତା ପ୍ରଦାନ କରୁଅଛି ।
- ୨୦୦୪ ମସିହା ଜାନୁଆରୀ ୨୩ ତାରିଖରେ ଏହି ସଂସ୍ଥା ବିଶ୍ୱର ବିକାଶଶୀଳ ଦେଶମାନଙ୍କରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ବୈଷୟିକ ବିଦ୍ୟା ପ୍ରଶିକ୍ଷଣ ଯୋଜନାର ଶୁଭାରମ୍ଭ କରିଅଛି ।

## ୩୨.୪. ସଂଯୁକ୍ତ ରାଷ୍ଟ୍ରସଂଘର ଆନ୍ତର୍ଜାତୀୟ ଶିଶୁକଲ୍ୟାଣ ଜରୁରୀ କାଳୀନ ପାଣ୍ଠି (United Natians International Children's Emergency Fund. (UNICEF)


୧୯୪୬ ମସିହାର ଡିସେମ୍ବର ୧୧ ତାରିଖରେ ଗଠିତ ହୋଇଥିବା ଏହି 'ୟୁନିସେଫ୍' ସଂସ୍ଥା ପ୍ରତିକୂଳ ଅବସ୍ଥାରେ ଥିବା ଶିଶୁମାନଙ୍କର ବିକାଶ କାର୍ଯ୍ୟକ୍ରମ ଉପରେ ପ୍ରାଧାନ୍ୟ ଦେଇ ଆସିଛି । ଏହି ସଂସ୍ଥା ସ୍ୱାସ୍ଥ୍ୟ, ଶିକ୍ଷା, ମ୍ୟାଲେରିଆ ନିରାକରଣ, ପୁଷ୍ଟି ଓ ପୋଷଣ, ଗ୍ରାମ୍ୟଉନ୍ନୟନ, ପରିବାର ଓ ଶିଶୁ କଲ୍ୟାଣ ପାଇଁ ଜରୁରୀ କାଳୀନ ସାହାଯ୍ୟ ଇତ୍ୟାଦି ଯୋଜନାକୁ କାର୍ଯ୍ୟକାରୀ କରୁଅଛି ।

ଏହାର ସାମାଜିକ ଓ ମାନବ ସମାଜର ହିତସାଧନା କାର୍ଯ୍ୟର ସ୍ୱୀକୃତି ହିସାବରେ ୟୁନିସେଫ୍ ସଂସ୍ଥାକୁ ୧୯୬୫ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା ।

ଭାରତରେ ଶିଶୁମାନଙ୍କ ପାଇଁ ଉନ୍ନତ ପରିବେଶ ସୃଷ୍ଟି କରିବାରେ ଓ ଭୂତଳ ଜଳରେ ଅତ୍ୟଧିକ ଫ୍ଲୋରାଇଡ୍ ଭଳି ସମସ୍ୟାକୁ ଚିହ୍ନଟ କରିବାରେ ୟୁନିସେଫ୍ ସଂସ୍ଥାର ଅବଦାନ ଗୁରୁତ୍ୱପୂର୍ଣ୍ଣ । ଏହି ସମସ୍ୟା ଯୋଗୁଁ ରାଜସ୍ଥାନ ଓ ଆନ୍ଧ୍ର ପ୍ରଦେଶ ରାଜ୍ୟ ଦ୍ୱୟ ସବୁଠାରୁ ବେଶୀ କ୍ଷତିଗ୍ରସ୍ତ । ଆମେରିକାର ନ୍ୟୁୟର୍କ ସହରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO)ର ଲକ୍ଷ୍ୟ ଗୁଡ଼ିକ ହେଲା :

(i) ରୋଗର ବିସ୍ତାରକୁ ପ୍ରତିରୋଧ,





(ii) ରୋଗରୁ ଆରୋଗ୍ୟ ଲାଭ,

(iii) ରୋଗ ପ୍ରାଦୁର୍ଭାବର ପ୍ରତିକାର

ରୋଗର ପ୍ରାଦୁର୍ଭାବ ଓ ବିସ୍ତାରକୁ ପ୍ରତିରୋଧ କରିବା ପାଇଁ ଆନ୍ତର୍ଜାତୀୟ ସ୍ତରରେ ସମ୍ମିଳନୀ ମାନ ଡକାଇବା ଏହି ସଂସ୍ଥାର କାର୍ଯ୍ୟ । ରୋଗ ଆରୋଗ୍ୟ ପାଇଁ ଏହି ସଂସ୍ଥା ଗବେଷଣା କରି ସୁଲଭ ମୂଲ୍ୟରେ ପ୍ରତିଷେଧକ ଔଷଧ, ବିଶେଷତଃ ଯକ୍ଷ୍ମା ପାଇଁ ଟୀକା ଓ ମ୍ୟାଲେରିଆ ପାଇଁ ଡି.ଡି.ଟି.ର ଯୋଗାଣ ବ୍ୟବସ୍ଥା ଜାରି ରଖିଛି । ଏହି ସଂସ୍ଥା ଏଚ.ଆଇ.ଭି (H.I.V.) ଓ ଏଡସ୍ (AIDS) ଆଦି ମାରାତ୍ମକ ରୋଗର ପ୍ରତିଷେଧକ ଓ ଆରୋଗ୍ୟ ପାଇଁ ଔଷଧ ପ୍ରସ୍ତୁତି ଦିଗରେ ଗବେଷଣା ଜାରି ରଖିଛି । ଏହା ବ୍ୟତୀତ ପୋଲିଓ ହଟାଅ ଅଭିଯାନ ଓ ବିକାଶଶୀଳ ଦେଶମାନଙ୍କରେ 'ତମାଖୁ ବର୍ଜନ' ବାର୍ତ୍ତାର ପ୍ରସାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ।

**ଖାଦ୍ୟ ଓ କୃଷି ସଂଗଠନ (FAO)** ଗ୍ରାମୀଣ ବିକାଶ ଉପରେ ଗୁରୁତ୍ୱ ଦିଏ । ରୋମ୍ (Rome) ଠାରେ ଥିବା ଏହି ସଂସ୍ଥା କୃଷି ବିକାଶ, ପୁଷ୍ଟିକର ଖାଦ୍ୟ ଯୋଗାଣ ଜରିଆରେ ଦାରିଦ୍ର୍ୟ ଦୂରୀକରଣ ପାଇଁ କାର୍ଯ୍ୟକରୁଅଛି । **ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ILO)** କଳକାରଖାନାରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ମଙ୍ଗଳପୂର୍ଣ୍ଣ ଓ ସୁସ୍ଥଜୀବନ ବଂଚିବା ଓ କାର୍ଯ୍ୟକରିବାର ମାନରେ ଉନ୍ନତି ଆଣିବା ସକାଶେ ରାଷ୍ଟ୍ରମାନଙ୍କୁ ସାହାଯ୍ୟ କରିଥାଏ । ସଂଯୁକ୍ତ ରାଷ୍ଟ୍ରସଂଘର ଶିଳ୍ପ ବିକାଶ ସଂଗଠନ ବର୍ତ୍ତମାନର ଜଗତୀକରଣ ଯୁଗରେ ବିକାଶଶୀଳ ରାଷ୍ଟ୍ରମାନଙ୍କର ଶିଳ୍ପ ବିକାଶ ଲାଗି ଉଦ୍ୟମ ଜାରି ରଖିଅଛି ।

## ୩୨.୫. ବିଶ୍ୱ ବ୍ୟାଙ୍କ ଗୋଷ୍ଠୀ (The World Bank Group)

ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ, ସଂଯୁକ୍ତ ରାଷ୍ଟ୍ରସଂଘର ଅନେକ ସଂସ୍ଥାର କାର୍ଯ୍ୟକ୍ରମ ପୂର୍ବରୁ ଆଲୋଚିତ ହୋଇଅଛି । ଉଦାହରଣ ସ୍ୱରୂପ, ସଂଯୁକ୍ତ ରାଷ୍ଟ୍ରସଂଘର ବିକାଶଯୋଜନା (UNDP)ର ୬୭୦ ନିୟୁତ ଡଲାର ବାର୍ଷିକ ବ୍ୟୟ ଅଟକଳ କେବଳ ବିକାଶ ପାଇଁ ସାହାଯ୍ୟ ପ୍ରଦାନ ସକାଶେ ଉଦ୍ଦିଷ୍ଟ । ଯେକୌଣସି ରାଷ୍ଟ୍ରର ବିକାଶ ପାଇଁ ପୁଞ୍ଜିର ଆବଶ୍ୟକ ।

ସଂଯୁକ୍ତ ରାଷ୍ଟ୍ରସଂଘର ସର୍ବବୃହତ୍ ଆର୍ଥିକ ସଂସ୍ଥା ହେଉଛି ଆନ୍ତର୍ଜାତିକ ପୁନର୍ଗଠନ ଓ ବିକାଶ ପାଇଁ ଆନ୍ତର୍ଜାତିକ ବ୍ୟାଙ୍କ (International Bank for Reconstruction and Development-IBRD) କିମ୍ବା ବିଶ୍ୱ ବ୍ୟାଙ୍କ (World Bank) ଓ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (International Monetary Fund-IMF) ସବୁକୁ ବ୍ରେଟନ୍ ଉଡସ୍ (Bretton Woods) ସଂସ୍ଥା ବୋଲି କୁହାଯାଏ । କାରଣ ଯୁକ୍ତରାଷ୍ଟ୍ର ଆମେରିକାର ନିଉ ହାମ୍ପସୟାର(New Hampshire) ଠାରେ ୧୯୪୫ ମସିହା ଡିସେମ୍ବର ମାସରେ ବ୍ରେଟନ୍ ଉଡସ୍ ସମ୍ମିଳନୀ ଅନୁସାରେ ଏହି ସଂସ୍ଥା ଗୁଡିକର ସୃଷ୍ଟି । ଯେଉଁରାଷ୍ଟ୍ର ମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ ସେହି ରାଷ୍ଟ୍ରମାନଙ୍କୁ ଆନ୍ତର୍ଜାତୀକ ମୁଦ୍ରା ପାଣ୍ଠି (IMF) ସାମୟିକ ଭାବେ ଆର୍ଥିକ ସାହାଯ୍ୟ ଓ ସହାୟତା ଯୋଗାଇଥାଏ । ଫଳରେ ବହୁରାଷ୍ଟ୍ରମାନଙ୍କରେ ଆର୍ଥିକ ବିକାଶ ସମ୍ଭବ ହୋଇପାରିଛି ।

ବିଶ୍ୱବ୍ୟାଙ୍କ ଗୋଷ୍ଠୀ ସବୁଠାରୁ ବଡ ବହୁପାକ୍ଷିକ ପାଣ୍ଠିର ଉତ୍ସ ଯାହାକି ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ପ୍ରକାର ପ୍ରକଳ୍ପମାନ ହାତକୁ ନେଇଥାଏ । ଏହି ପ୍ରକଳ୍ପମାନଙ୍କର ବିକାଶ ପାଇଁ ଏ ପର୍ଯ୍ୟନ୍ତ ୩୦୦ ହଜାର ଲକ୍ଷ ଡଲାର ସାହାଯ୍ୟ ଦିଆଯାଇଅଛି । ଓଡ଼ିଶାରେ ନିରକ୍ଷରତା ଦୂରୀକରଣ ସମେତ ପ୍ରାଥମିକ ଶିକ୍ଷାର ବିକାଶ ଓ ଜାତୀୟ ରାଜପଥର ପ୍ରଶସ୍ତିକରଣ ପାଇଁ ବିଶ୍ୱବ୍ୟାଙ୍କ୍ ଆର୍ଥିକ ସାହାଯ୍ୟ ପ୍ରଦାନ କରିଅଛି ।

ସେ ଯାହା ହେଉ ଉଭୟ ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ତୀବ୍ର ସମାଲୋଚନାର ଶୀକାର ହୋଇଛନ୍ତି, କାରଣ ଏହି ସଂସ୍ଥାଗୁଡିକ ଧନୀ ରାଷ୍ଟ୍ରମାନଙ୍କ ଇସାରାରେ ପରିଚାଳିତ ହେଉଛନ୍ତି । ସେମାନେ ସଂଯୁକ୍ତ ରାଷ୍ଟ୍ରସଂଘ ନିକଟରେ ଉତ୍ତର ଦାୟୀ ନୁହନ୍ତି । ଏହାର ଗଠନ ଗଣତାନ୍ତ୍ରିକ ଉପାୟରେ କରାଯାଇନାହିଁ ।

ସାଧାରଣ ପରିଷଦ ପରି "ଗୋଟିଏ ରାଷ୍ଟ୍ରର ଗୋଟିଏ 'ଭୋଟ' ନୀତି" ଏହି ସଂସ୍ଥାଗୁଡିକରେ ଗ୍ରହଣ କରାଯାଇନାହିଁ । ଏହି ପାଣ୍ଠିରେ ଯେଉଁ ରାଷ୍ଟ୍ରର ଯେତିକି ଅବଦାନ ବା ଅଂଶଧନ ଅଛି, ସେହି ଅନୁସାରେ ରାଷ୍ଟ୍ରମାନଙ୍କର ମତ ବା (ଭୋଟ) ଦେବାର ଅଧିକାର ନିର୍ଦ୍ଧାରିତ ହୋଇଛି । ବିଶ୍ୱବ୍ୟାଙ୍କର ଋଣ ବ୍ୟବସ୍ଥା ଦୁଇ ପ୍ରକାରର । ପୁଞ୍ଜିନିବେଶ ଋଣ ହେଉଛି ଦୀର୍ଘ-ସୂତ୍ରୀ ଋଣ, ଯାହାକି ପ୍ରାକୃତିକ ଓ ସାମାଜିକ ବିକାଶର ଭିତ୍ତିଭୂମି ସ୍ଥାପନକରିବା ସହିତ ଦାରିଦ୍ର୍ୟ ହ୍ରାସ ଓ ଜୀବନ ଧାରଣର ବିକାଶ ପାଇଁ ଉଦ୍ଦିଷ୍ଟ । ଅନ୍ୟାନ୍ୟ ପ୍ରକଳ୍ପ ଗୁଡିକ ମଧ୍ୟରେ ଦାରିଦ୍ର୍ୟ ହ୍ରାସ, ଗ୍ରାମୀଣ ବିକାଶ, ଜଳପରିମଳ ବ୍ୟବସ୍ଥା, ପ୍ରାକୃତିକ ସଂପଦର ସୁରକ୍ଷା, ସ୍ୱାସ୍ଥ୍ୟ ରକ୍ଷା ଆଦି ଅନ୍ତର୍ଭୁକ୍ତ ।

ଏହି ସବୁ ବିକାଶ ସକାଶେ ବହୁ ପାକ୍ଷିକ (Multilateral) ଆର୍ଥିକ ସଂସ୍ଥାମାନେ ବିଭିନ୍ନ ସୂତ୍ରରୁ ଅର୍ଥ ପାଇଥା'ନ୍ତି ସେଗୁଡିକ ହେଲା- ଆ*ଳିକ ବ୍ୟାଙ୍କ ସମୂହ, ଯଥା -ଆନ୍ତଃ- ଆମେରିକୀୟ ବିକାଶ ବ୍ୟାଙ୍କ(Inter American Development Bank) ଓ ଏସୀୟ ବିକାଶ ବ୍ୟାଙ୍କ (Asian Development Bank) ଯାହାକି ବିଭିନ୍ନ ଅ*ଳରେ ଶହଶହ ପ୍ରକଳ୍ପର ବିକାଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଆସିଛି ।

## ପ୍ରଶ୍ନାବଳୀ ୩୨.୨

୧। _________ ଓ _________ ହେଉଛି ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଅଂଶ ଯାହାକି ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକ୍ରମକୁ ଆଗେଇ ନେଉଛି ।

୨। _________ ଠାରେ ଖାଦ୍ୟ ଓ କୃଷି ସଂଗଠନ (FAO) ଅବସ୍ଥିତ ।

୩। ସଂଯୁକ୍ତ ରାଷ୍ଟ୍ରସଂଘ ବ୍ୟବସ୍ଥାରେ ଆ*ଳିକ ଅର୍ଥ ଆୟୋଗ_________ ର ଅଂଶ

୪। ପୁନଃ ନିର୍ମାଣ ଓ ବିକାଶ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତୀୟ ବ୍ୟାଙ୍କର ସଂକ୍ଷିପ୍ତ ନାମଟି ହେଲା _________ ।

୫। ନିମ୍ନଲିଖିତ ଉକ୍ତିଗୁଡିକ ଠିକ୍ କିମ୍ବା ଭୁଲ୍ ଦର୍ଶାଅ ।

(i) ବିକାଶ ପ୍ରକଳ୍ପ ଓ ଯୋଜନା ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ବିକାଶ ଯୋଜନା (UNDP) ହେଉଛି ମୁଖ୍ୟ ଅର୍ଥଯୋଗାଣକାରୀ ସଂସ୍ଥା (ଠିକ୍ /ଭୁଲ୍)

(ii) ଆ.ମୁ.ପା (IMF) ର ବିସ୍ତାରିତ ନାମ ହେଉଛି ଭାରତୀୟ ଅର୍ଥ ପାଣ୍ଠି (Indian Money Fund) (ଠିକ୍/ ଭୁଲ୍)

(iii) ବିକାଶଶୀଳ ରାଷ୍ଟ୍ରମାନଙ୍କର ନିଅ୍[ଆ ଅର୍ଥଦେୟ (Balance of Payment) ବ୍ୟବସ୍ଥାକୁ ସୁଧାରିବା ପାଇଁ ବିଶ୍ୱବ୍ୟାଙ୍କ ଅର୍ଥ ସାହାଯ୍ୟ କରିଥାଏ । (ଠିକ୍ /ଭୁଲ୍)

## ତୁମେ କ'ଣ ଶିଖିଲ

ସଂଯୁକ୍ତ ରାଷ୍ଟ୍ରସଂଘ କେବଳ ଆନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା ପାଇଁ ଗଠିତ ହୋଇନାହିଁ ପରନ୍ତୁ ବିକାଶ ଶୀଳ ରାଷ୍ଟ୍ର ମାନଙ୍କର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଏହା କାର୍ଯ୍ୟ କରୁଅଛି । ଏହି ଅର୍ଥନୈତିକ ଓ ସାମାଜିକ ବିକାଶର ପ୍ରସାର ପାଇଁ, ସାଧାରଣ ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ, ସଚିବାଳୟ ସମନ୍ୱୟ ରକ୍ଷା କରୁଛନ୍ତି । ବିକାଶ ସମ୍ପର୍କିତ ସମସ୍ୟାକୁ ସମାଧାନ କରିବା ଦିଗରେ ବହୁପାକ୍ଷିକ ସାହାଯ୍ୟ ସକାଶେ ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଭୂମିକା ରହିଛି । ସଂଯୁକ୍ତ ରାଷ୍ଟ୍ରସଂଘ ଭିନ୍ନ ଭିନ୍ନ ବିକାଶ ସମ୍ପର୍କିତ ସଂସ୍ଥାମାନେ ଅନେକ ବିକାଶମୂଳକ ଯୋଜନା ଓ ପ୍ରକଳ୍ପ ପାଇଁ ପାଣ୍ଠି ସଂଗ୍ରହ ଓ ଅର୍ଥ ଦାନ କରନ୍ତି । ସେହି ସଂସ୍ଥା

ଗୁଡିକ ହେଲା- ସଂଯୁକ୍ତ ରାଷ୍ଟ୍ରସଂଘ ବିକାଶ ଯୋଜନା (UNDP) ସଂଯୁକ୍ତ ରାଷ୍ଟ୍ରସଂଘ ଆନ୍ତର୍ଜାତୀୟ ଶିଶୁକଲ୍ୟାଣ ଜରୁରୀ କାଳୀନ ପାଣ୍ଠି (UNICEF), ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଓ ବିଶ୍ୱବ୍ୟାଙ୍କ (World Bank) ।

## ଅନୁଶୀଳନୀ

୧। ଅର୍ଥନୈତିକ ଓ ସାମାଜିକ ବିକାଶ ପ୍ରକ୍ରିୟାରେ ସଂଯୁକ୍ତ ରାଷ୍ଟ୍ରସଂଘର ଗଠନ ବିଷୟରେ ବର୍ଣ୍ଣନା କର ।

୨। ଅର୍ଥନୈତିକ ଓ ସାମାଜିକ ବିକାଶ କ୍ଷେତ୍ରରେ ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ପଦକ୍ଷେପ ଗୁଡିକ କ'ଣ ?

୩। ବିକାଶ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘର ମୁଖ୍ୟ ଆର୍ଥିକ ସଂସ୍ଥା ହିସାରେ ବିଶ୍ୱବ୍ୟାଙ୍କର କାର୍ଯ୍ୟାବଳୀ ବର୍ଣ୍ଣନାକର ।

୪। ସଂଯୁକ୍ତ ରାଷ୍ଟ୍ରସଂଘର ବିକାଶ ଯୋଜନା (UNDP)ର କାର୍ଯ୍ୟଗୁଡ଼ିକ କ'ଣ ବୁଝାଅ ।

୫। ଶିଶୁ କଲ୍ୟାଣ ପ୍ରୋତ୍ସାହିତ କରୁଥିବା ସଂଯୁକ୍ତରାଷ୍ଟ୍ରସଂଘର ଶିଶୁକଲ୍ୟାଣ ଜରୁରୀ କାଳୀନ ପାଣ୍ଠି (UNICEF) ର ଭୂମିକା ବର୍ଣ୍ଣନା କର ।

## ପ୍ରଶ୍ନାବଳୀର ଉତ୍ତର

**୩୨.୧**

୧- ୧୯୬୦

୨- ୧୯୬୪

୩- ଠିକ୍

୪- ଭୁଲ୍

**୩୨.୨**

୧- ସାଧାରଣ ପରିଷଦ ଏବଂ ଅର୍ଥନୈତିକ ଓ ସାମାଜିକ ପରିଷଦ

୨- ରୋମ୍

୩- ଅର୍ଥନୈତିକ ଓ ସାମାଜିକ ପରିଷଦ

୪- ବିଶ୍ୱବ୍ୟାଙ୍କ

୫- (i) ଭୁଲ୍

(ili) ଭୁଲ୍

(iii) ଭୁଲ୍

### ଅନୁଶୀଳନୀ ପାଇଁ ସଂକେତ

୧। ୩୨.୧ ଅନୁଚ୍ଛେଦ ଦେଖ

୨। ୩୨.୨ ଅନୁଚ୍ଛେଦ ଦେଖ

୩। ୩୨.୫ ଅନୁଚ୍ଛେଦ ଦେଖ

୪। ୩୨.୩ ଅନୁଚ୍ଛେଦ ଦେଖ

୫। ୩୨.୪ ଅନୁଚ୍ଛେଦ ଦେଖ ।

❑❑❑